# Akashvani, Sambalpur

## SAMBALPURI NEWS BULLETIN

### 28 December 2024- 6.47- 6.52 am.

*********************************************

ମନମୋହନ୍ ସିଂ ପରଲୋକ୍ ଏନ୍ଏସ୍ଡି

ଦେଶର୍ ଆଘର୍ ପ୍ରଧାନ୍ମନ୍ତ୍ରୀ ଆର୍ ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର୍ ମନ୍ମୋହନ୍ ସିଂଙ୍କର୍ ଆଏଜ୍ ଦିନର୍ ୧୧ ବାଜିକରି ୪୫ ମିନିଟ୍ଥି ନୂଆଦିଲ୍ଲୀର୍ ନିଗମବୋଧ ଘାଟ ଶ୍ମଶାନ୍ ଠାନେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ ଅନ୍ତିମ୍ ସତ୍କାର୍ କରାଯିବା । ତାର୍ ଆଘୋନୁ ତାଙ୍କର୍ ପାର୍ଥିବ୍ ଶରୀର୍ କଂଗ୍ରେସ୍ ଭବନ୍କେ ନିଆଯିବା । ଦଲୀୟ ନେତା, କର୍ମୀଙ୍କର୍ ଶେଷ୍ ଦର୍ଶନ୍ ଉତ୍ରୁ ସଖାଲର୍ ସାଢ଼େ ୯ ବଜେ କଂଗ୍ରେସ୍ ଭବନ୍ନୁ ଅନ୍ତିମ ଶୋଭାଯାତ୍ରାଥି ଶ୍ମଶାନ୍କେ ନିଆଯିବା । ତାଙ୍କର୍ ଅନ୍ତିମ ସତ୍କାର୍ ବେଲେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବେ । ମନ୍ମୋହନ୍ ସିଂଙ୍କର୍ ପରଲୋକ୍ ଲାଗି କେନ୍ଦ୍ର ସର୍କାର୍ ଦେଶେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷ୍ନା କରିଛନ୍ । ଆଏଜ୍ ସବୁ କେନ୍ଦ୍ର ସର୍କାରୀ କାର୍ଯ୍ୟାଳୟ ଆର୍ ରାଷ୍ଟ୍ରାୟତ ସଂସ୍ଥାମାନ୍କେ ଅଧା ଦିନ୍ ଛୁଟି ଘୋଷ୍ନା କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ଗୁରୁବାର୍ ରାତିର୍ ୯ ବାଜିକରି ୫୧ ମିନିଟ୍‌ଥି ଦିଲ୍ଲୀର ଏମ୍ସ ଠାନେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ମନ୍‌ମୋହନ୍ ସିଂଙ୍କର୍ ଚିକିତ୍ସାଧୀନ୍ ଅବସ୍ଥାଥି ପରଲୋକ ହେଇଥିଲା ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ ‘ନ୍ୟୁଜ୍ ଅନ୍ ଏଆଇଆର୍’ ମୋବାଇଲ୍ ଆପ୍‌ଥି ସିଧା ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ମନ୍ କି ବାତ୍‌ର ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇଟାର୍ ପ୍ରସାରଣ୍ କରାଯିବା । ସେହିଦିନ

ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଲ କମିଶନ୍ ଗଠିତ ଆର୍‌ଏନ୍‌ୟୁ /ସମ୍ବଲପୁର

ହାଇକୋର୍ଟର ଆଘର୍ ବିଚାର୍‌ପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କର୍ ଅଧ୍ୟକ୍ଷତାଥି ରାଏଜେ ଲ କମିଶନ୍ ଗଠିତ୍ ହେଇଛେ । ଗଲାକାଏଲ୍ ଇ ବାବ୍‌ଦେ ରାଜ୍ୟ ଆଇନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ପ୍ରକାଶ୍ ପାଇଛେ । କେନ୍‌ସି ନୂଆଁ ଆଇନ୍ ଆନ୍‌ବାର୍ ପୁର୍‌ନା ଆଇନ୍‌ଥି ସଂଶୋଧନ୍ କର୍‌ବାର୍ ଆଉ ଅଦର୍‌କାରୀ ଆଇନ୍‌ର ଉଚ୍ଛେଦ୍ ଲାଗି ଇ କମିଶନଙ୍କର୍‌ଠାନୁ ରାଜ୍ୟ ସର୍‌କାର ପରାମର୍ଶ ମାଗ୍‌ସନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ କମିଶନ୍ ୩ ବରସ୍ ଲାଗି ଗଠନ୍ ହେସି ଆଉ ରାଜ୍ୟ ସର୍‌କାର୍ ଫି’ ୩ ବଛ୍‌ରେ କମିଶନ୍‌ର ଅଧ୍ୟକ୍ଷ ଆର୍ ସଦସ୍ୟମାନ୍‌କୁ ପରିବର୍ତନ୍ କର୍‌ସନ୍ ।

ବର୍‌ଗଡ୍ ଧନୁଯାତ୍ରା-ମୁଖ୍ୟମନ୍ତ୍ରୀ ନିଉତା ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ଜାନୁଆରୀ ମାସେ ହେବାର୍‌କେ ଥିବା ବିଶ୍ୱପ୍ରସିଦ୍ଧ ଐତିହାସିକ୍ ବର୍‌ଗଡ଼୍ ଧନୁଯାତ୍ରା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଗଲାକାଏଲ୍ ନିଉତା ଦିଆଯାଇଛେ । ବିଜେପୁର୍ ବିଧାୟକ୍ ସନତ୍ କୁମାର୍ ଗଡ଼ତିଆ ଆର୍ ଜିଲ୍ଲାର୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଉତା ଦେଇଛନ୍ । ଇ ବାବ୍‌ଦେ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଇ ଯାତ୍ରା ହେଉଛେ ଓଡ଼ିଆ ଅସ୍ମିତାର୍ ପରିଚୟ ଆର୍ ପ୍ରଚାର୍ ପ୍ରସାର୍ ସହେତେ ଇତାକେ ଆହୁରି ବ୍ୟାପକ୍ କର୍‌ବାର୍ ସର୍‌କାର୍‌ଙ୍କର୍ ଦାୟିତ୍ୱ ।

ମୁଖ୍ୟମନ୍ତ୍ରୀ-ଏନ୍.ଏଫ୍.ଏସ୍.ୟୁ କୁଳପତି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ନେସ୍‌ନାଲ୍ ଫରେନ୍‌ସିକ୍ ସାଇନ୍ସ ୟୁନିଭର୍‌ସିଟି-ଏନ୍.ଏଫ୍.ଏସ୍.ୟୁ କୁଳପତି ଡକ୍ଟର୍ ଜେ.ଏନ୍. ବ୍ୟାସ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ । ଆଏବା ଦିନ୍‌ମାନ୍‌କେ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ୍ ଲାଗି ରାଜ୍ୟ ଫରେନ୍‌ସିକ୍ ପରୀକ୍ଷାଗାର ନ ଗୁଟେ

ନୂଆଁ ୟୁନିଟ୍ ଭିଜିଲାନ୍ସ ଫରେନ୍‌ସିକ୍ ବିଜ୍ଞାନ୍ ପରୀକ୍ଷାଗାର ଥାପ୍‌ନା ଲାଗି ଇ ଉଧେ ଆଲୋଚନା ହେଇଥିଲା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ପ୍ରିତିସ୍ମିତା ଭୋଇ ସିଏମ୍‌ଓ

ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍-୨୦୨୪ ବିଜେତା ଢେଙ୍କାନାଲ୍‌ର ପ୍ରିତିସ୍ମିତା ଭୋଇ ଦିଲ୍ଲୀନୁ ଫିର୍‌ବାର୍ ଉତ୍‌ରୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ତାଙ୍କର୍ ଇ ସଫଲତା ଆମର୍ ରାଜ୍ୟ ଲାଗି ଗର୍ବର୍ ବିଷେ ଆଏ । ତାଙ୍କର୍ ଉଜ୍ଜ୍ୱଲ୍ ଭବିଷ୍ୟତ କାମନା କରିକରି ଆଏବା ଦିନେ ଏନ୍ତା ପ୍ରୟାସ୍ ଜାରି ରଖ୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

କୃଷକ୍ ରେଜିଷ୍ଟ୍ରି ପ୍ରକ୍ରିୟା I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଡିଜିଟାଲ୍ କୃଷି ଅଧୀନ୍‌ଥି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ପଂଚାୟତ୍‌ସ୍ତରୀୟ କେମ୍ପ୍ ମାନ୍‌କର୍ ଜରିଏ ଜାନୁଆରୀ ୧

ତାରିଖ୍‌ନୁ ମୁଲ୍ ହେବା । ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବା । ଚାଷୀମାନେ ପଞ୍ଜିକୃତ ହେବାର୍‌କେ ଗ୍ରାମ୍ ପଂଚାୟତ୍ କେମ୍ପ୍, ପାଖର୍ ଜନସେବା କେନ୍ଦ୍ର ଆର୍ କୃଷକ୍ ରେଜିଷ୍ଟ୍ରି ପୋର୍ଟାଲ୍ odfr.agristack.gov.in ଥି ଲଗ୍‌ଇନ୍ କରିପାର୍‌ବେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଲାଗି ଚାଷୀମାନେ ହେଲ୍ପଲାଇନ୍ ନମ୍ବର୍ ୧୫୫-୩୩୩ ଥି ଯୋଗାଯୋଗ୍ କରିପାର୍‌ବେ ବଲି ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ପଶ୍ଚିମାଝଡ଼ ପ୍ରଭାବ୍‌ଥି ଆଏଜ୍‌ଠାନୁ ୨ ଦିନ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ହାଲ୍‌କାନୁ ମଧମ୍ ଧରଣର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ଇତାର୍‌ବଲେ ପଶ୍ଚିମ ଆର୍ ଉତର୍ ଓଡ଼ିଶା ନ ବର୍ଷା ହେଇପାରେ । ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ନୂଆପଡ଼ା, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଜିଲ୍ଲା ନ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର କହିଛେ । ଇତାର୍‌ସହେତେ କଲାହାଣ୍ଡି, ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍,

ଝାର୍ସୁଗୁଡ଼ା ଆର୍ କେତେଟା ଜିଲ୍ଲା ନ ବହଲିଆ କୁହୁଡ଼ି ଦେଖାଯିବା । ପର୍ଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ଥି ସକ୍ରିୟ ଥିବା ଲଘୁଚାପ୍ ଦୁର୍ବଲ୍ ହେଇଥିବାର୍ନୁ ପାଗେ ପରିବର୍ତନ୍ ଦେଖାଦେଇଛେ ବଲି  ପାଣିପାଗ୍ କେନ୍ଦ୍ର ସୂଚ୍ନା ଦେଇଛେ ।